## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୩।୯ (ଡି.ଏନ୍.ଏ)– ବଜ୍ରପାତରେ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇ ପୁରର ବାସୁଦେବ ଜେନା (୪୭)। ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିବା ତାଙ୍କୁ ବଜ୍ରାଘାତ ହୋଇଥିଲା। ଗୁରାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇବା ସହ ଏକ ଅପମୃତ୍ୟୁ ମାମଲା ୯/୨୨ ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଆର୍‌ସିଏମ୍ କଲେଜରେ ସମ୍ବର୍ଦ୍ଧନା ସମାରୋହ

ଖଲ୍ଲିକୋଟ,୩।୯(ଡି.ଏନ.ଏ.)-ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ (ଆରସିଏମ)ର ସ୍ମାର୍ଟ କ୍ଲାସ ରୁମ୍‌ରେ ଯୁକ୍ତ ତିନି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଶନିବାର ଏକ ସମ୍ବର୍ଦ୍ଧନା ସମାରୋହ ଆଇକ୍ୟୁଏସି ତରଫରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିମଳ ପ୍ରସାଦ ସାହୁ ଯୋଗଦେଇ ମାନପତ୍ର ଓ ଉପଢୌକନ ଦେଇ କୃତୀ ବିଦ୍ୟାର୍ଥିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଆଇକ୍ୟୁଏସ୍ ସଂଯୋଜକ ତ୍ରିନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ଭାଷା ସାହିତ୍ୟ ବିଭାଗର ଏସ୍. ପୂଜାରାଣୀ ଦୋରା, ଇତିହାସ ବିଭାଗର ପ୍ରିୟଙ୍କା ଗଉଡ, ସୋମ୍ୟରଞ୍ଜନ ପଣ୍ଡା, ଶ୍ରାବଣୀ ଗଉଡ, ବାଲ୍ମିକି ଡାକୁଆ, ଓଡ଼ିଆ ବିଭାଗର ଲିଜାରାଣୀ ପଣ୍ଡା, ଜେ. ନିକିତା ଆଚାରି, କଳ୍ପନା ପରିଡ଼ା, ରାଜନୀତି ବିଜ୍ଞାନ ବିଭାଗର ଚିନ୍ମୟୀ ଶତପଥୀ, କିରଣ କୁମାରୀ ପ୍ରଧାନ, ଈଶ୍ୱରୀ ଦାସ, ଶୁଭଶ୍ରୀ ବେହେରା, ବାଣିଜ୍ୟ ବିଭାଗର ତାରା ପ୍ରସାଦ ସୁବୁଦ୍ଧି, ରେଶ୍ମା ଗଉଡ, ସୁରଜ କୁମାର ସାହୁ, ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନାକ୍ ସଂଯୋଜକ ବିଜୟ ଚନ୍ଦ୍ରାକ୍ଷ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

### ପାର୍କ ନିର୍ମାଣ ଦାବି

ଶେରଗଡ, ୩।୯ (ଡି.ଏନ.ଏ.)- ଶେରଗଡ଼ ବ୍ଲକରେ ପାର୍କ ନିର୍ମାଣ ନିମନ୍ତେ ଦାବି କରିଛନ୍ତି ଅଞ୍ଚଳବାସୀ। ଶେରଗଡରେ ପାଖାପାଖି ୧୦ ହଜାର ପରିବାର ରହୁଛନ୍ତି। ସେମାନଙ୍କ ଚିତ୍ତ ବିନୋଦ ପାଇଁ ପାର୍କଟିଏ ନାହିଁ। ଗତ ୨୦ ବର୍ଷ ଧରି ଅଞ୍ଚଳବାସୀ ଏହି ଦାବି କରିଆସୁଛନ୍ତି। ଇତି ମଧ୍ୟରେ ତିନିଜଣ ବିଡିଓ ବଦଳି ହୋଇଗଲେଣି। ସମସ୍ତେ ପାର୍କ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ ମଧ ଏଯାଏଁ ତାହା ହୋଇପାରିନାହିଁ। ନିକଟ ପାଟପୁର ବ୍ଲକରେ ସୁନ୍ଦର ଭାବେ ଦୁଇଟା ପାର୍କ ନିର୍ମାଣ ହୋଇଥିଲେ ମଧ ଏଠାରେ ଗୋଟିଏ ପାର୍କ ନିର୍ମାଣ ନହେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ତେଣୁ ତୁରନ୍ତ ପ୍ରଶାସନ ଏ ନେଇ ପଦକ୍ଷେପ ନେଇ ଏକ ପାର୍କ ନିର୍ମାଣ କରିବାକୁ ଦାବି ହୋଇଛି।

### ଗାଗନାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୁଷୋତ୍ତମପୁର,୩।୯(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ବ୍ଲକ ଗାଗନାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଇ ରମେଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରମ ନିଯୁକ୍ତି ଓ ରାଷ୍ଟ୍ରବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ପି ନାରାୟଣ ରାଓ, ସରପଞ୍ଚ ପ୍ରିୟଙ୍କା ସେଠୀ, ସମିତିସଭ୍ୟ ସୁଲତା ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ, ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ୧୯୦୮ରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ବିଭିନ୍ନ ସମସ୍ୟାକୁ ନେଇ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ଲାଗି ଗ୍ରାମବାସୀ ଅନୁରୋଧ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟଗୁରୁ ଏସ୍ ନାଗେଶ୍ୱର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ପରିବେଷଣ ହୋଇଥିଲା।

# ୨୩ରୁ ଗଞ୍ଜାମ ଜିଲାରେ ବୁଲିବ ଅହିଂସା ରଥ

- ଗାନ୍ଧିଜୀଙ୍କ ସଭାସ୍ଥାନକୁ ଯିବ
- ସବୁ ବ୍ଲକରେ ସ୍ୱାଗତ ସମ୍ବର୍ଦ୍ଧନା
- ଜିଲା ପ୍ରଶାସନର ପ୍ରସ୍ତୁତି

**ଛତ୍ରପୁର, ୩।୯(ଡି.ଏନ.ଏ)**

ଚଳିତ ମାସ ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ଅହିଂସା ରଥ ପରିଭ୍ରମଣ କରିବ। ତେଣୁ ଏହି ରଥକୁ କିଭଳି ସ୍ୱାଗତ କରାଯିବ ସେନେଇ ଶନିବାର ଓସ୍ୱାନ ହଲଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୨୩ ତାରିଖ ଦିନ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ତପ୍ତପାଣି ଠାରେ ମହା ସମାରୋହରେ ରଥ ଦୁଇଟିକୁ ସ୍ୱାଗତ କରାଯିବ । ଜାତୀୟତା ଭାବ ଜାଗ୍ରତ ନିମନ୍ତେ ଉଦ୍ଦିଷ୍ଟ ଏହି ରଥ ପରିଭ୍ରମଣ ସମୟରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଗାନ୍ଧିଜୀଙ୍କ ଗଞ୍ଜାମ ଜିଲାର ଯେଉଁ ଯେଉଁ ସ୍ଥାନରେ ସଭାକାର୍ଯ୍ୟ କରିଥିଲେ ସେହି ଅଞ୍ଚଳ ଗସ୍ତ କରିବାର କର୍ଯ୍ୟକ୍ରମ ରହିଛି ବୋଲି ଅବଗତ କରାଇଥିଲେ। ପ୍ରସ୍ତୁତି ବୈଠକରେ ଜିଲା ସହର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ କାର୍ଯ୍ୟସୂଚୀର ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଗତ ଅଗଷ୍ଟ ୧୫ରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଦୁଇଟି ଅହିଂସା ରଥ ଶୁଭାରମ୍ଭ କରିଥିଲେ। ଗୋଟିଏ ରଥ ଦିଗପହଣ୍ଡି, ଶେରଗଡ, ହିଞ୍ଜିଳି, ଆସ୍କା, ଧରାକୋଟ, ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡା, ପୋଲସରା, କବିସୂର୍ଯ୍ୟନଗର, ବେଗୁନିଆପଡା, ଖଲ୍ଲିକୋଟ ପରିଭ୍ରମଣ କରିବ । ଦ୍ୱିତୀୟ ରଥଟି ଚିକିଟି, ପାତ୍ରପୁର, ବ୍ରହ୍ମପୁର ମହାନଗର ନିଗମ, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା,ଗୋପାଳପୁର, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ, ରମ୍ଭା ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଅହିଂସା ରଥକୁ ୨୪ ତାରିଖରେ ବ୍ରହ୍ମପୁର ମ୍ୟୁନିସପାଲ କର୍ପୋରେସନ ପକ୍ଷରୁ ସ୍ୱାଗତ କରାଯିବା ସହ ବ୍ରହ୍ମପୁରର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଭ୍ରମଣ କରିବ। ଗୋପାଳପୁର, ବ୍ରହ୍ମପୁର, ଭଞ୍ଜନଗର, ଛତ୍ରପୁରଠାରେ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ଲକ ହେଡକ୍ୱାର୍ଟରମାନଙ୍କରେ ସ୍ୱାଗତ ନିମନ୍ତେ ବିଡିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ମାଇକ୍ରୋପ୍ଲାନ କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ୨୮ରେ ଅହିଂସା ରଥ ଖୋର୍ଦ୍ଧା ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଅହିଂସା ରଥ ପରିଭ୍ରମଣ ଯେପରି ସଫଳ ହେବ ସେଥିନିମନ୍ତେ ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କିର୍ତ୍ତିଭାସନ ଜଣାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଉପ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଜିଲା କ୍ରିଡା ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡା, ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାସ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାଶ ଏବଂ ଭଞ୍ଜନଗର ଉପଜିଲାପାଳ ଯଯାତି ଶଙ୍କର ରାୟ, ସମସ୍ତ ବିଡିଓ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ।

## କନ୍ଧୁଣୀଦେବୀଙ୍କ କଣ୍ଟାପିଢ଼ା ଯାତ୍ରା ୭ରୁ

**ସୋରଡ଼ା, ୩।୯ (ଡି.ଏନ୍.ଏ)**

ଗଞ୍ଜାମ ପ୍ରସିଦ୍ଧ ସୋରଡ଼ାର ମା' କନ୍ଧୁଣିଦେବୀଙ୍କ କଣ୍ଟାପିଢା ଯାତ୍ରା ଅଶିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୋଇଆସୁଛି। ଏହି ଅବସରରେ ଚଳିତ ବର୍ଷ ଆସନ୍ତା ୭ ତାରିଖରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏହି ଉତ୍ସବ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ତାରିଖରୁ ଅଞ୍ଚଳରେ ଢୋଲ ମହୁରି ଶବ୍ଦ ସହିତ ପୁରା ଅଞ୍ଚଳ ଉତ୍ସବ ମୁଖରିତ ହେବ। ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରଥାପଡାଠାରେ ଅସ୍ଥାୟୀ ମଣ୍ଡପରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଡଦାଣ୍ଡରେ ପଲିଶ୍ରୀ ମେଳା ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଯୋଗଦେବେ। ୧୭ ତାରିଖରେ କଣ୍ଟାପିଢା ଯାତ୍ରାର ଉଦଯାପନୀ ସମାରୋହରେ କଣ୍ଟା ଦୋଳିରେ ପୋଛୁଣି ଦେହରେ ବିଜେ ହୋଇ ଦର୍ଶନ ଦେବେ। ଶେଷଦିନ ରାତିରେ କଳାକାରମାନଙ୍କ ଦ୍ୱାରା ଭାଇ ଭଉଣୀଙ୍କ ନୂଆ କାହାଣୀ ଅପେରା ମଞ୍ଚସ୍ଥ ହେବ। ଏଥିପାଇଁ ବଡଦାଣ୍ଡଠାରେ ୬୦ ଫୁଟ ଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଚଳିତ ଥର ସବୁ ଅଞ୍ଚଳରୁ ଭକ୍ତ ଆସିବାର ସମ୍ଭାବନା ଅଛି ବୋଲି ଉପସଭାପତି କୈଳାଶ ପଣ୍ଡା, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ କହିଛନ୍ତି ।

# ମିଳୁନି ରନ୍ଧାଖାଦ୍ୟ: ଧାରଣାଦେଲେ ଶିଶୁ, ଅଭିଭାବକ


ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଓ ଅଭିଭାବକଙ୍କ ଧାରଣା ।

**ଦିଗପହଣ୍ଡି,୩।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଖଜୁରିପଲ୍ଲୀ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ନାନା ଅବ୍ୟବସ୍ଥା ଲାଗିରହିଛି। ଶନିବାର ଘଟଣା ପଦାକୁ ଆସିବା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଅଙ୍ଗନୱାଡି କେନ୍ଦ୍ରରେ ଗତ ୩ ଦିନ ହେଲା ରନ୍ଧାଖାଦ୍ୟ ପାଉନାହାନ୍ତି ଶିଶୁ। ଏନେଇ ଶିଶୁ ଓ ଅଭିଭାବକମାନେ ଶନିବାର ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଥିଲେ। ଘଟଣାର ସମାଧାନ କରାଯିବ ବୋଲି ଦିଗପହଣ୍ଡି ସିଡିପିଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉ କି ଦୀର୍ଘ ୬ ମାସ ହେଲା ଅଙ୍ଗନୱାଡି କର୍ମୀ କେ. ମାହେଶ୍ୱରୀ ରେଡ୍ଡୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ପିଲାମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଆସୁଥିଲେ। କିନ୍ତୁ ଗୁରୁବାର ଠାରୁ ନିଜ ପାଖରେ ଟଙ୍କା ନଥିବା ଯୋଗୁ ସେ ଆଉ ରନ୍ଧାଖାଦ୍ୟ କିମ୍ବା ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କୁ ଅଣ୍ଡା ମଧ ଦେଇପାରିବେ ନାହିଁ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଅଙ୍ଗନୱାଡ଼ି କର୍ମୀ ଜଣକ ଗତ ଅଗଷ୍ଟ ୧୯ ତାରିଖରେ ସମସ୍ୟାର ସମାଧାନ ପାଇଁ ସିଡିପିଓଙ୍କୁ ଲିଖିତ ଦରଖାସ୍ତ ଦେଇଥିଲେ। କିନ୍ତୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସ୍ଥାନୀୟ ସରପଞ୍ଚଙ୍କ ଅବହେଳା ଯୋଗୁଁ ଶିଶୁମାନେ ରନ୍ଧା ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କର୍ମୀଜଣକ ୱାର୍ଡମେମ୍ବର ଏବଂ ସରପଞ୍ଚଙ୍କୁ ବହୁବାର ଅବଗତ କରାଇଥିଲେ ମଧ ତାଙ୍କୁ କେହି ସହଯୋଗ କରୁନାହାନ୍ତି। ଫଳରେ ବ୍ୟାଙ୍କରୁ ଟଙ୍କା ଉଠାଣ ହୋଇପାରୁନାହିଁ। ଏନେଇ ସେ ଜିଲାପାଳଙ୍କୁ ମଧ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଖୁବଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନଳ ଯାତ୍ରା ଉତ୍ସବ


ନଳ ସହ ଗ୍ରାମ ପରିକ୍ରମା।

**ଆସିକା,୩।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଗାଙ୍ଗପୁରଠାରେ ଶନିବାର ପାରମ୍ପରିକ ନଳ ଯାତ୍ରା ଉତ୍ସବ ପାଳିତ ହୋଇଛି । ଗ୍ରାମରେ କୃଷି, ପଶୁ ସମ୍ପଦ ଓ ଜନସାଧାରଣଙ୍କୁ ସୁରକ୍ଷା ଲକ୍ଷ୍ୟରେ ଗ୍ରାମର ଦେବୀଙ୍କଠାରେ କେଉଁ ଆବାହମାନ କାଳରୁ ଏହି ପୂଜା ଚାଲି ଆସିଥିଲା ବେଳେ ଅଦ୍ୟାବଧି ଏହି ପରମ୍ପରା ଲାଗି ରହିଛି । ପରମ୍ପରା ମୁତାବକ ୧୨ ଫୁଟ ଉଚ୍ଚର ତିନୋଟି ବାଉଁଶ ଜଙ୍ଗଲରୁ ଆଣି ତାକୁ ଗଙ୍ଗା ଜଳରେ ଶୋଧନ କରାଯିବା ସହ ବାଉଁଶ ଉପରେ ବିଭିନ୍ନ ରଙ୍ଗବେରଙ୍ଗ କପଡା ଓ ଫୁଲ ସାଜା ଯାଇଥିଲା। ଗ୍ରାମର ଆରାଧ ଦେବୀ କନ୍ଧୁଣୀ ଦେବୀ, ମା' ରତନେଇ ଓ ମା କାଳିଙ୍କ ସ୍ୱରୂପ ଭାବେ ଏହି ଦଣ୍ଡକୁ ଧାରଣ କରି ବାଦ୍ୟ ବାଜଣା ପଟୁଆର ସହ ଆରାଧ ଦେବୀ କନ୍ଧୁଣୀ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ନିକଟରେ କୃଷି, ପଶୁ ସମ୍ପଦ ଓ ଜନସାଧାରଣଙ୍କ ଆରୋଗ୍ୟ ଲାଗି ପ୍ରାର୍ଥନା କରାଯିବା ସହ ଗ୍ରାମ ପରିକ୍ରମା କରି ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ମୁତାବକ ସେହି ଗ୍ରାମର ଦେବ ଗୌଡଙ୍କ ଘରୁ ଦେବୀଙ୍କୁ ଆବାହନ କରି ଅଣାଯାଇଥିଲା ବେଳେ ଗ୍ରାମର ବାଲ୍ମିକୀ ବିଷୋୟୀ, ପ୍ରଶନ୍ନ ବିଷୋୟୀ ଓ ମିଥୁନ ବିଷୋୟୀ ଦେବୀଙ୍କ ପ୍ରତୀକ ରୂପୀ ଏହି ନଳକୁ ଧାରଣ କରିଥିଲେ। କର୍ତ୍ତା ଭାବେ ସନ୍ତୋଷ ବିଷୋୟୀ ଓ ପୁରୋହିତ ଭାବେ ହରିହର ତ୍ରିପାଠୀ, ଅଶୋକ ରଥ ଓ ବସନ୍ତ ପୂଜାର୍ଚ୍ଚନା କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ସ୍ପେଶାଲ ଏଜୁକେଟର ନିଯୁକ୍ତି ଦାବି

## ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଛତ୍ରପୁର,୩।୯(ଡି.ଏନ.ଏ)**

ଦିବ୍ୟାଙ୍ଗଙ୍କୁ ପାଠ ପଢାଇବା ଲକ୍ଷ୍ୟରେ ଗଠିତ ଓଡିଶା ସ୍ପେଶାଲ ଏଜୁକେଟର ଫେଡେରେଶନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛି। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛି। ସ୍କୁଲମାନଙ୍କରେ ଦିବ୍ୟାଙ୍ଗମାନଙ୍କୁ ପାଠ ପଢାଇବା ପାଇଁ ସ୍ପେଶାଲ ଏଜୁକେଟର ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହା ଓଡିଶାରେ କାର୍ଯ୍ୟକାରୀ ହୋଇନି । ଅପରପକ୍ଷରେ ବିହାର, ଗୁଜରାଟ, ପଶ୍ଚିମବଙ୍ଗ, ଦିଲ୍ଲୀ, ତ୍ରିପୁରା, ଉତ୍ତରପ୍ରଦେଶରେ ସ୍ପେଶାଲ ଏଜୁକେଟରଙ୍କୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି । ଦିବ୍ୟାଙ୍ଗଙ୍କୁ ପାଠ ପଢାଇବା ପାଇଁ ସ୍ପେଶାଲ ଶିକ୍ଷା ସମ୍ବନ୍ଧୀୟ ଡିପ୍ଲୋମା, ବିଇଡି ଓ ଏମଇଡି ଡିଗ୍ରୀ ତାଲିମ ଏମାନେ ପାଇଛନ୍ତି । ଦିବ୍ୟାଙ୍ଗମାନଙ୍କୁ ପାଠ ପଢାଇବା ପାଇଁ ଏମାନଙ୍କୁ ସ୍ପେଶାଲ ଏଜୁକେଟର ଭାବେ ନିଯୁକ୍ତି ଦେବା କଥା । ରାଜ୍ୟରେ ୧ ଲକ୍ଷ ୨ ହଜାର ୮୨୬ ଦିବ୍ୟାଙ୍ଗ ପିଲା ଅଛନ୍ତି। ସେମାନଙ୍କୁ ପାଠ ପଢାଇବା ପାଇଁ ୯ ହଜାର ସ୍ପେଶାଲ ଏଜୁକେଟର ଆବଶ୍ୟକ। ତୁରନ୍ତ ସ୍ପେଶାଲ ଏଜୁକେଟର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ଉକ୍ତ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି । ଗଞ୍ଜାମ ଜିଲା ସଭାପତି ନୃସିଂହ ଡାକୁଆଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଜେମ୍ସ ହସ୍ପିଟାଲର ବିଶେଷ ଓପିଡି କକ୍ଷ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୩।୯(ଡି.ଏନ.ଏ.)**

ପାରଳାଖେମୁଣ୍ଡି,୩।୯(ଡି.ଏନ୍.ଏ.)– ପାରଳାଖେମୁଣ୍ଡିଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆନ୍ଧ୍ରର ଶ୍ରୀକାକୁଲମଠାରେ ଥିବା ଜେମ୍ସ ହସ୍ପିଟାଲ ପକ୍ଷରୁ ବିଶେଷ ଓପିଡି କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ପାରଳା ପୌର ଉପାଧକ୍ଷ ଲେଙ୍କା ମଧୁ, ଜେମ୍ସ ହସ୍ପିଟାଲର ଡାକ୍ତର ପ୍ରବୀଣ, ଏଜିଏମ୍ ବିଜୟ ଭାସ୍କର ପ୍ରମୁଖ ଉପସ୍ଥିତ ଥିଲେ।

## ଗଣ ଯୋଗାଯୋଗ ବିଭାଗର ଆଲୋଚନାଚକ୍ର

**ଭଞ୍ଜନଗର, ୩।୯(ଡି.ଏନ.ଏ):**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖବରଦାତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଆଲୋଚନାଚକ୍ର ହୋଇଥିଲା। ଟପ୍ପର ହୋଇଥିବା ବିଭାଗୀୟ ଛାତ୍ର ରଘୁନନ୍ଦନ ପଟ୍ଟନାୟକ ସମେତ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନିକଟରେ ଅବସର ନେଇଥିବା ଏହି ମହାବିଦ୍ୟାଳୟର ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ, ମୁଖ୍ୟ କିରାଣୀ ଏସ୍‌ଛାୟା ରାଓ, ପିଅନ ରଙ୍କ ନିଧି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ଦାସଙ୍କୁ ମଧ ସ୍ୱାଗତ କରାଯାଇଥିଲା। ଛାତ୍ରୀ ସୁଭସ୍ମିତା ଗୌଡ଼, ମାମାଲି ନାୟକ, ସରିତା ନାୟକ, ପୂଜା ବିଶୋଇ, ଶ୍ରଦ୍ଧା ସ୍ୱାଇଁ, ଛାତ୍ର ରଘୁନନ୍ଦନ ପଟ୍ଟନାୟକ, ଜଗନ ଦାସ,ପ୍ରିୟ ରଞ୍ଜନ ଷଡଙ୍ଗୀ, ବାବୁ ରଥ, ଅଂଶୁଜିତ ଗୌଡ, ସାଇ ଆଦିତ୍ୟ ଜେନା, ସାଇ ଆଦିତ୍ୟ ରାଉତ, ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ରୀ ସାଗରିକା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

## ନେହୁରା ହେଲେ ବି ସମସ୍ୟା ସୁଧୁରୁନି

**କବିସୂର୍ଯ୍ୟନଗର,୩।୯(ଡି.ଏନ୍.ଏ.)**

ନାଳ ନର୍ଦ୍ଦମା ପାଣି ରାସ୍ତାରେ ଭାସିବା ଫଳରେ ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଯିବା ଆସିବାରେ ସମସ୍ୟା ଉପୁଜିବା ସହ ଘର କବାଟ ସବୁବେଳେ ବନ୍ଦ କରିବାକୁ ବାଧ ହେଉଛନ୍ତି ସାହିବାସୀ। ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଆସିବେ ବୋଲି ସାହିବାସିନ୍ଦ ଚେତାବନୀ ଦେଇଛନ୍ତି। ଦୀର୍ଘ ବର୍ଷ ହେଲା ସାହିବାସୀ ଜନ ପ୍ରତିନିଧି ଓ ବିଡ଼ିଓଙ୍କୁ ସମାଧାନ ପାଇଁ ବାରମ୍ବାର ନେହୁରା ହେଲେ ବି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି କବିସୂର୍ଯ୍ୟନଗର ବ୍ଲକ ବୁଡ଼ାମ୍ବ ପଞ୍ଚାୟତରେ। ଏହି ପଞ୍ଚାୟତର ମୁସିଲିମ ବସ୍ତି ଓ ହରିଜନ ବସ୍ତିର ରାସ୍ତା ଅବସ୍ଥା କହିଲେ ନ ସରେ। ଏହି ସମସ୍ୟା ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ। ଏନେଇ କବିସୂର୍ଯ୍ୟନଗର ବିଡ଼ିଓ ବାସୁଦେବ ନାୟକ ଓ ସରପଞ୍ଚ ସୁଜିତ ପଣ୍ଡାଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ସରପଞ୍ଚ କେଶବ ପ୍ରଧାନଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରି ମଧ କିଛି ସୁଫଳ ମିଳିନଥିବା କହିଛନ୍ତି ସାହିବାସିନ୍ଦା। ଏନେଇ ଗତ ଗୁରୁବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୈଫତ ଅଲ୍ଲୀ ଖାଁ, ଯୁବରାଜ ନାହାକ, ବବୁଲୁ ନାହାକ, ରାଜା ଖାଁ, ଅଜିତ କୁମାର ବେହେରା, ଇବ୍ରାହିମ ଖାଁ, ଲିଙ୍କୁନ ଖାଁ ଓ କାବୁ ଖାଁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



ରାସ୍ତାରେ ଭାସୁଛି ନାଳନର୍ଦ୍ଦମା ପାଣି ।

## ଅଗ୍ନିବୀର ନିଯୁକ୍ତି ନିମନ୍ତେ ପ୍ରାକ୍ ତାଲିମ

**ପାରଳାଖେମୁଣ୍ଡି, ୩।୯ (ଡି.ଏନ୍.ଏ)**

ପାରଳାଖେମୁଣ୍ଡି ସହରର ଗଜପତି ଷ୍ଟାଡିୟମରେ ଶୁକ୍ରବାର ଅଗ୍ନିବୀର ନିଯୁକ୍ତି ନିମନ୍ତେ ପ୍ରାକ–ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାର ରଙ୍ଗେଇଲୁଣ୍ଡା ଠାରେ ହେବାକୁ ଥିବା ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବା ପୂର୍ବରୁ ଜିଲାର ପିଲାମାନେ କିପରି ଭଲ ପ୍ରଦର୍ଶନ କରିବେ ଏବଂ ତାଲିମ ନେବା ପରେ କିପରି ନିଯୁକ୍ତି ପ୍ରକ୍ରିୟାରେ ସଫଳତା ହାସଲ କରିବେ ଏହା ହିଁ ମୁଖ୍ୟ ଉଦ୍ଦେଶ୍ୟ। ପ୍ରାୟ ୧୦୦ ପିଲାଙ୍କ ପାଇଁ ଏହି ତାଲିମ ବ୍ୟବସ୍ଥା ରହିଛି ବୋଲି ଜିଲା କର୍ମନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜିଲା କ୍ରିଡା ଅଧିକାରୀ ନଟବର ଗରଡା, ଜିଲା ଦକ୍ଷତା ସଂଯୋଜକ ବଦ୍ରିନାରାୟଣ ମିଶ୍ର ପରିଚାଳନା କରିଥିଲେ।

# ରେଳ ମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ କରେନ୍ଦ୍ର

## ମୁନିଗୁଡ଼ା-ଖୋର୍ଦ୍ଧା ରେଳପଥ ଲାଗି ପ୍ରସ୍ତାବ


ରେଳମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ କରେନ୍ଦ୍ର ମାଝୀ।

**କୋଟଗଡ, ୩।୯(ଡି.ଏନ.ଏ.)**

କନ୍ଧମାଳ ଜିଲା ବାଲିଗୁଡାର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କରେନ୍ଦ୍ର ମାଝି ଦିଲ୍ଲୀ ରେଳ ଭବନଠାରେ ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ସେ ମୁନିଗୁଡାଠାରୁ ଖୋର୍ଦ୍ଧା ଭାୟା କୋଟଗଡ, ତୁମୁଡିବନ୍ଧ, ବାଲିଗୁଡା, ନୂଆଗାଁ ଓ ଫୁଲବାଣୀ ଦେଇ ନୂତନ ରେଳପଥ ଲାଗି ପସ୍ତାବ ଦେଇଥିଲେ। ଏହା କନ୍ଧମାଳ ଜିଲାର ପ୍ରଥମ ପ୍ରସ୍ତାବ ବୋଲି ରେଳମନ୍ତ୍ରୀ କହିଥିଲେ। ମନ୍ତ୍ରୀ ମ୍ୟାପ କାଢି ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାଝି ଦିଲ୍ଲୀରେ ଅନ୍ୟ ମନ୍ତ୍ରୀଙ୍କୁ ଭେଟି ଜିଲାର ବିଭିନ୍ନ ସମସ୍ୟା ଯଥା ମୋବାଇଲ ଟାୱାର, ସଡକ, ତୁମୁଡିବନ୍ଧ ବ୍ଲକ ବେଲଘରଠାରେ ବସବାସ କରୁଥିବା କୁଟିଆ କନ୍ଧଙ୍କ ବିଷୟ, ଆଦିବାସୀ ଓ ଅନୁସୂଚିତ ଜାତି ପିଲାଙ୍କ ପାଇଁ ଉନ୍ନତମାନର ଶିକ୍ଷା ଓ ଜିଲାରେ ଚାଲିଥିବା ଟାୱାର କାମ ଶୀଘ୍ର କରାଯିବା ସହ ଅନ୍ୟାନ୍ୟ ପ୍ରକଳ୍ପ ତୁରନ୍ତ ଶେଷ କରିବାକୁ ଆଲୋଚନା କରିଥିଲେ।

